Chapter-17

# ସ୍ୱାଧୀନତା ଦିବସ

## STUDY NOTES

**୧. ପାଠରେ ଯେଉଁ ନାମଗୁଡିକରେ 'ଷ୍ଣ' ଲାଗିଛି ସେହି ନାମଗୁଡ଼ିକ ଲେଖ ।**

ଉ- ପାଠରେ 'ଷ୍ଣ' ଲାଗିଥିବା ନାମ ଗୁଡ଼ିକ ହେଉଛି କୃଷ୍ଣଚନ୍ଦ୍ର, ବିଷ୍ଣୁବାବୁ, ବୈଷ୍ଣବ।

**୨. ତଳ ବାକ୍ୟଗୁଡ଼ିକୁ ପଢ଼ିବା 'ଷ୍ଣ' ଥିବା ଶବ୍ଦ ଗୁଡ଼ିକୁ Δ ମଧ୍ୟରେ ଲେଖିବା। 'ସ୍ଥ' ଥିବା ଶବ୍ଦଗୁଡ଼ିକୁ ◻ ମଧ୍ୟରେ ଲେଖିବା।**

- ଆମ ଶରୀରରେ ୨୦୬ ଖଣ୍ଡ ଅସ୍ଥି ଅଛି।
- ଆମ ବିଦ୍ୟାଳୟ ହତାରେ ବୃକ୍ଷରୋପଣ କରିବା ପାଇଁ ସ୍ଥିର କରାଗଲା।
- କୃଷ୍ଣ ଓ ବିଷ୍ଣୁ ଦୁଇ ଭାଇ।
- ସ୍ୱାସ୍ଥ୍ୟ ହିଁ ସମ୍ପଦ।
- ଆମ ପୃଥିବୀରେ ସ୍ଥଳଭାଗ ଅପେକ୍ଷା ଜଳଭାଗ ବେଶି ।
- ଚୈତନ୍ୟ ବୈଷ୍ଣବ ଧର୍ମ ପ୍ରଚାର କରିଥିଲେ।

**ଅସ୍ଥି, ସ୍ଥିର**

**ସ୍ୱାସ୍ଥ୍ୟ, ସ୍ଥଳଭାଗ**

**କୃଷ୍ଣ, ବିଷ୍ଣୁ,**

**ବୈଷ୍ଣବ**

**୩. ତଳ ଶବ୍ଦଗୁଡ଼ିକ ପଢ଼ ଓ ଲେଖ -**

ଶୁକ୍ଳ ଶୁକ୍ଳ, ବଲ୍ଲଭ ବଲ୍ଲଭ, କଳ୍କି କଳ୍କି

## ୪. ପାଠଟି ପଢ଼ ଓ ତଳ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ।

(କ) ଶିକ୍ଷକ କୃଷ୍ଣଚନ୍ଦ୍ରଙ୍କ ତତ୍ତ୍ୱାବଧାନରେ ପିଲାମାନେ କ'ଣ କଲେ ?

ଉ- ଶିକ୍ଷକ କୃଷ୍ଣଚନ୍ଦ୍ରଙ୍କ ତତ୍ତ୍ୱାବଧାନରେ ପିଲାମାନେ ଭିନ୍ନ ଭିନ୍ନ ସ୍ଥାନ ସଫା କଲେ।

(ଖ) ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିଏ ?

ଉ- ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଷ୍ଣୁବାବୁ ।

(ଗ) କିଏ ମୁଖ୍ୟ ଅତିଥି ହେଲେ ?

ଉ- ବୈଷ୍ଣବ ବାବୁ ମୁଖ୍ୟ ଅତିଥି ହେଲେ।

(ଘ) ପିଲାମାନେ କେଉଁ କାଗଜର ପତାକା ଲଗାଇଲେ ?

ଉ- ପିଲାମାନେ ରଙ୍ଗୀନ କାଗଜର ପତାକା ଲଗାଇଲେ।

(ଙ) କିଏ ପତାକା ଉତ୍ତୋଳନ କଲେ ?

ଉ- ବୈଷ୍ଣବ ବାବୁ ପତାକା ଉତ୍ତୋଳନ କଲେ ?

(ଚ) ଇଂରେଜ ମାନେ ଆମ ଦେଶକୁ କେତେ ବର୍ଷ ଧରି ଶାସନ କଲେ ?

ଉ- ଇଂରେଜମାନେ ଆମଦେଶକୁ ଦୁଇଶହ ବର୍ଷ ଧରି ଶାସନ କଲେ।

(ଛ) କାହା ନେତୃତ୍ୱରେ ଆମ ଦେଶ ସ୍ୱାଧୀନ ହେଲା ?

ଉ- ମହାତ୍ମାଗାନ୍ଧୀଙ୍କ ନେତୃତ୍ୱରେ ଆମଦେଶ ସ୍ୱାଧୀନ ହେଲା ।

(ଜ) ଚାରିଜଣ ସ୍ୱାଧୀନତା ସଂଗ୍ରାମୀଙ୍କ ନାମ ଲେଖ ।

ଉ- ମହାତ୍ମାଗାନ୍ଧି, ସୁଭାଷ ବୋଷ୍, ବାଲ୍ ଗଙ୍ଗାଧର ତିଳକ, ସର୍ଦ୍ଦାର ବଲ୍ଲଭ ଭାଇପଟେଲ୍ ହେଉଛନ୍ତି ସ୍ୱାଧୀନତା ସଂଗ୍ରାମୀ ।

**୫. ଚିତ୍ର ଦେଖି ରଙ୍ଗ ଦିଅ।**



**୬. ଖାଲି ସ୍ଥାନ ପୂରଣ କର।**

(କ) ଜାତୀୟ ପତାକାର ମଝିରେ ଥିବା ଧଳା ରଙ୍ଗ ଶାନ୍ତି ର ପ୍ରତୀକ।

(ଖ) ଜାତୀୟ ପତାକାର ତଳେ ଥିବା ସବୁଜ ରଙ୍ଗ ମୈତ୍ରୀ ର ପ୍ରତୀକ।

(ଗ) ଜାତୀୟ ପତାକାର ଉପରେ ଥିବା କେଶର ରଙ୍ଗ ସାହସ ର ପ୍ରତୀକ।

(ଘ) ଜାତୀୟ ପତାକାର ମଝିରେ ଥିବା ଚକ୍ର ଚିହ୍ନ ପ୍ରଗତି ର ପ୍ରତୀକ ।

(ଙ) ଜାତୀୟ ପତାକାର ମଝିରେ ଥିବା ଚକ୍ରରେ ୨୪ ଟି ଅର ଅଛି ।

(ଚ) ୧୯୪୭ ମସିହା ଅଗଷ୍ଟ ମାସ ୧୫ ତାରିଖରେ ଆମ ଦେଶ ସ୍ୱାଧୀନ ହେଲା।

**୭. ଟିକିଏ ଭାବ ଓ ଲେଖ ।**

ତୁମ ବିଦ୍ୟାଳୟରେ ସାଧାରଣତନ୍ତ୍ର ଦିବସ କିପରି ପାଳନ କରାଯାଏ ? ସେ ବିଷୟରେ କିଛି ଲେଖ ?

ଉ- ଆମ ବିଦ୍ୟାଳୟରେ ଜାନୁଆରୀ ୨୬ ତାରିଖ ଦିନ ଖୁବ୍ ଶୃଙ୍ଖଳତା ତଥା ଖୁବ୍ ଆଡ଼ମ୍ବର ସହ ପାଳନ କରାଯାଏ। ଆମ ବିଦ୍ୟାଳୟରେ ପ୍ରାତଃ ୭ଟା ସମୟରେ ପତାକା ଉତ୍ତୋଳନ କରାଯାଏ। ପ୍ରତ୍ୟେକ ଛାତ୍ର ଛାତ୍ରୀ ତଥା ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଆମ ପଡ଼ିଆରେ ଥିବା ଜାତୀୟ ପତାକା ତଳେ ଏକତ୍ରୀତ ହୋଇ ଜାତୀୟ ସଂଙ୍ଗୀତ ର ତାଳେ ତାଳେ ଆମେ ସାଧାରଣତନ୍ତ୍ର ଦିବସ ପାଳନ କରାଯାଏ।